# ଜେନାପୁର: ଇତିହାସର ପୁନରାବୃତ୍ତି ହେବ

**ଆମ ଘରର ହାଲଚାଲ**

**ସୌମ୍ୟରଂଜନ ପଟ୍ଟନାୟକ**

ଆସନ୍ତାକାଲି ସେପ୍ଟେମ୍ବର ପହିଲା। ଦିନ ଥିଲା, ଏହି ତାରିଖଟି ଓଡ଼ିଶାର ଅନେକଙ୍କ ପାଇଁ ଏକ ସ୍ମରଣୀୟ ଦିନ ହୋଇ ରହିଥିଲା। ଆଜି କିନ୍ତୁ ତାହା ନାହିଁ। ଜେନାପୁର, ବୃନ୍ଦାଦେଇପୁର ହାଟପଡ଼ିଆର ସମାବେଶ କଥା ମନେପକେଇ କିଛି ଆଭାସ ଦେଲେ ମଧ୍ୟ ଆଜିର ଶିକ୍ଷିତ ସଚେତନ ବର୍ଗ ଏ ଦିନଟି ଯେ କାହିଁକି ଅନେକଙ୍କ ପାଇଁ ଗୁରୁତ୍ୱ ରଖୁଥିଲା, ତା'ର ସଠିକ ଉତ୍ତର ଦେଇପାରିବେ ନାହିଁ। ଏହା ହିଁ ଆମ ପାଇଁ ଦୁଃଖ।

ଭାରତ କୃଷକ ସଂଘ ସେପ୍ଟେମ୍ବର ପହିଲାକୁ କୃଷକ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ଉତ୍କଳ କୃଷକ ସଂଘର ପ୍ରଥମ କୃଷକ ଦିବସ ସବୁ ଜିଲ୍ଲାର ପ୍ରାୟ ପନ୍ଦର ହଜାର ଚାଷୀଭାଇଙ୍କୁ ନେଇ କଟକରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଚାଷୀଭାଇମାନଙ୍କର ବିଭିନ୍ନ ଦାବିଗୁଡ଼ିକ ସରକାରଙ୍କ ପାଖରେ ଉପସ୍ଥାପିତ ହୋଇଥିଲା। ଏହାଛଡ଼ା, ପର ବର୍ଷଠାରୁ ପ୍ରତି ଜିଲ୍ଲାରେ ଏଭଳି ସମାବେଶ କରି ଚାଷୀ ସଂଗଠନକୁ ମଜବୁତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ଅନୁସାରେ ପର ବର୍ଷ ୧୯୩୮ ସେପ୍ଟେମ୍ବର ପହିଲାରେ କଟକ ଜିଲ୍ଲାର ତତ୍କାଳୀନ ଯାଜପୁର ସବ୍‌ଡିଭିଜନ୍‌ର ଜେନାପୁରଠାରେ ଏକ ବିଶାଳ ସମାବେଶର ଆୟୋଜନ ହୋଇଥିଲା। ଏହି ସମାବେଶରେ ବିଭିନ୍ନ ଅଞ୍ଚଳର ଲକ୍ଷାଧିକ ଚାଷୀଙ୍କ ଯୋଗଦାନ କେବଳ ଅଭୂତପୂର୍ବ ସଫଳତା ଆଣିଦେଇ ନଥିଲା, ଓଡ଼ିଶାର ଜନ ଆନ୍ଦୋଳନ ଇତିହାସର ମୋଡ଼ ବଦଳାଇ ଦେଇଥିଲା। ଜେନାପୁର ଭୌଗୋଳିକ ଓ ଅନ୍ୟ କାରଣରୁ ଏଭଳି ଏକ ସମାବେଶ ପାଇଁ ଏକାନ୍ତ ଉପଯୁକ୍ତ ଥିଲା। ଢେଙ୍କାନାଳ ଗଡ଼ଜାତର ବାହାରେ ଅଥଚ ଜମିଦାରୀ ଅଞ୍ଚଳ ବେଷ୍ଟିତ ଜେନାପୁର ଯୋଗାଯୋଗ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ସୁବିଧାଜନକ ଅବସ୍ଥାରେ ଥିଲା। ସେଥିପାଇଁ ଉଭୟ ଗଡ଼ଜାତ ଏବଂ ମୋଗଲବନ୍ଦୀ ଅଞ୍ଚଳରୁ ହଜାର ହଜାର ପୀଡ଼ିତ ଚାଷୀ ଏଇ ସଭାରେ ଯୋଗ ଦେବା ସମ୍ଭବ ହୋଇଥିଲା। ଏହିଭଳି ଏକ ସଭା ପାଇଁ ଯେଉଁ ପ୍ରଚାରପତ୍ର ବଣ୍ଟାଯାଇଥିଲା ସେଥିରେ ଅନ୍ୟମାନଙ୍କ ମଧ୍ୟରେ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଏବଂ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ପରି ସଂଗ୍ରାମୀ ନେତାମାନେ ଦସ୍ତଖତ କରି ଅନୁରୋଧ କରିଥିଲେ। ଜେନାପୁରର ଚାଷୀ ସମାବେଶଟି କୃଷକ ଦିବସ ଭାବେ ପାଳିତ ହୋଇ ଚାଷୀମାନଙ୍କର ବିଭିନ୍ନ ଦାବି ଉପସ୍ଥାପିତ କରିଥିଲେ ମଧ୍ୟ ସାମଗ୍ରିକ ଭାବେ ଏହା ଅନ୍ୟାୟ, ଅତ୍ୟାଚାର ଓ ଅହଂକାର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ଜୁଟାଇଥିଲା। ଏହା ପରଠାରୁ ଗଡ଼ଜାତର ପ୍ରଜାମେଳି ଏବଂ ଜମିଦାରୀ ବ୍ୟବସ୍ଥା ବିରୋଧରେ ଚାଷୀଭାଇମାନଙ୍କର ପ୍ରତିବାଦର ରଙ୍ଗ ଏବଂ ଢଙ୍ଗ ବଦଳି ଯାଇଥିଲା। ପରିଣାମ ସ୍ୱରୂପ, ବାଳକ ବାଜି ରାଉତଙ୍କୁ ପ୍ରାଣବଳି ଦେବାକୁ ପଡ଼ିଥିଲା।

ଅଠସ୍ତରୀ ବର୍ଷ ପରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ସେପ୍ଟେମ୍ବର ପହିଲା ୧୯୩୮ ସମାବେଶର ସ୍ମାରକୀ ରୂପେ ଆଉ ଏକ ସମାବେଶ ପାଇଁ ଆହ୍ୱାନ ଦିଆଯାଇଛି। ଏହି ସମାବେଶରେ ଯାଜପୁର ଜିଲ୍ଲାର ପ୍ରତି ଗ୍ରାମରୁ କୃଷକ ପ୍ରତିନିଧି ଭାଇମାନେ ଯୋଗଦେବେ। ଆଜିର ଚାଷୀଭାଇଙ୍କର ଅବସ୍ଥା ସେଦିନର ଗଡ଼ଜାତ ଏବଂ ଜମିଦାରୀ ବ୍ୟବସ୍ଥାଠାରୁ ବିଶେଷ କିଛି ଭିନ୍ନ ନୁହେଁ। ସେଦିନ ଚାଷୀଭାଇମାନେ ଜମିଦାରୀ ବିରୋଧରେ ଏବଂ ଗଡ଼ଜାତ ଶାସନର ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ପ୍ରଜାସ୍ୱତ୍ତ୍ୱ ଆଇନ ଲାଗୁ କରିବା ପାଇଁ ଆନ୍ଦୋଳନ କରୁଥିଲେ। ଆଜିର ଚାଷୀଭାଇମାନେ ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ, ସମ୍ମାନ ଏବଂ ବାର୍ଦ୍ଧକ୍ୟକାଳୀନ ସୁରକ୍ଷା (ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ) ଦାବି କରୁଛନ୍ତି। ସରକାରୀ ଅବହେଳା ଯୋଗୁ ସାଧାରଣ ଚାଷୀ ଚାଷ ପ୍ରତି ବିମୁଖ ହୋଇଛି। ପରିବାର ଚଳାଇବା ପାଇଁ ରାଷ୍ଟ୍ରକୃପା ଉପରେ ଅଧିକ ନିର୍ଭରଶୀଳ ହୋଇ ଅନ୍ୟ ବୃତ୍ତି ପ୍ରତି ଆକୃଷ୍ଟ ହୋଇଛି। ଜାତି ଯାଉଛି କିନ୍ତୁ ପେଟ ପୂରୁନାହିଁ। ସରକାରଙ୍କ ଯାବତୀୟ ଯୋଜନା ଏକ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥା ଯୋଗୁଁ ସାଧାରଣ ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ସେ ଧାଡ଼ିରୁଆ ଯୋଜନା ହେଉ କିମ୍ବା ପ୍ରଧାନମନ୍ତ୍ରୀଙ୍କ ଫସଲ ବୀମା ହେଉ, ୨୦୧୫ ଖରିଫ ଚାଷର କ୍ଷତିଭରଣା ବାବଦ ବୀମାରାଶି ଚାଷୀଭାଇ ଏପର୍ଯ୍ୟନ୍ତ ପାଇନାହିଁ। କାରଣ, ସରକାରୀ କଳର ଶସ୍ୟ ଅମଳ ରିପୋର୍ଟ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପାଖରେ ପହଞ୍ଚି ନାହିଁ। ନକଲି ବିହନ ଏବଂ ଆବଶ୍ୟକୀୟ ସାର, କୃଷି ଯନ୍ତ୍ରପାତି ବାବଦକୁ ମିଳିବାକୁ ଥିବା ସବ୍‌ସିଡ଼ି ଓ ଋଣ ଚାଷୀଭାଇଙ୍କୁ ମିଳିପାରୁ ନଥିବାରୁ ଚାଷ ଏକ ନିର୍ଭରଯୋଗ୍ୟ ଅର୍ଥକାରୀ ବୃତ୍ତି ହୋଇ ରହିନାହିଁ।

ଆସନ୍ତାକାଲିର କୃଷକ ସମାବେଶ ୧୯୩୮ ମସିହା ଚାଷୀମେଳାକୁ କେବଳ ମନେପକାଇ ଦେଉନାହିଁ, ଏହାଦ୍ୱାରା ଇତିହାସର ପୁନରାବୃତ୍ତି ହେବ ବୋଲି ଆଶା ସଂଚାର ମଧ୍ୟ କରୁଛି। ରାଷ୍ଟ୍ରର ସବୁ ଅଙ୍ଗଗୁଡ଼ିକ ଅବକ୍ଷୟମୁଖୀ ହୋଇ ସାଧାରଣ ଲୋକଙ୍କର ଆସ୍ଥା ହରାଇ ବସିଛନ୍ତି। କ୍ଷମତାସୀନ ରାଜନୈତିକ ଦଳ ସଂଖ୍ୟା ଖେଳରେ ବାରମ୍ବାର ଜିତି ଅହଂକାରୀ ହୋଇପଡ଼ିଥିବା ବେଳେ ବିରୋଧୀ ରାଜନୈତିକ ଦଳ ବିକଳ୍ପ ଦେବା ଅବସ୍ଥାରେ ନାହାନ୍ତି। ସାଂପ୍ରତିକ ପରିସ୍ଥିତିରେ ୨୦୦ରୁ ଅଧିକ ଚାଷୀ ଆତ୍ମହତ୍ୟା କଲେଣି। ଅଥଚ ସରକାର ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ଏଭଳି ପରିସ୍ଥିତିରେ ନାଗରିକ ସମାଜର ସର୍ବବୃହତ ଅଂଶ ଚାଷୀସମାଜ ଆଜି ସଂଗଠିତ ହୋଇ ସ୍ୱର ଉତ୍ତୋଳନ କରିବାକୁ ବାହାରିଛି। ଅନ୍ୟାୟ, ଅତ୍ୟାଚାର ଓ ସଂଖ୍ୟାର ଅହଂକାରକୁ ପ୍ରତିହତ କରିବାକୁ ହେଲେ ସମାଜର ଅନ୍ୟ ଅଂଶଗୁଡ଼ିକ ଏଭଳି ଏକ ଉଦ୍ୟମକୁ ସମର୍ଥନ କରିବା ଦରକାର। ଆସନ୍ତାକାଲିର ଜେନାପୁର ସମାବେଶ ଇତିହାସର କେବଳ ପୁନରାବୃତ୍ତି କରିବ ନାହିଁ, ନୂଆ ଓଡ଼ିଶା ଗଠନ ପାଇଁ ନୂଆ ବାଟ ଦେଖାଇବ। ଆସନ୍ତୁ, ଆମେ ସମସ୍ତେ, ଯିଏ ଯୋଉ ବାଟରେ ହେଉ ପଛେ, ଏଭଳି ଏକ ଉଦ୍ୟମକୁ ସମର୍ଥନ ଦେବା ଏବଂ ସଫଳ କରାଇବା।